




# ୨୭

# ଯୁକ୍ତରାଷ୍ଟ୍ର ଆମେରିକା ଏବଂ ରୁଷିଆ ସହିତ ଭାରତର ସମ୍ପର୍କ

ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି (୧୯୪୫)ପରେ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷ ଦୁଇଟି ବୃହତ୍ ଶକ୍ତି ଭାବରେ ଉଭା ହେଲେ । ସାମରିକ ତଥା ଅର୍ଥନୈତିକ ଦୃଷ୍ଟିକୋଣ ରୁ ଅନ୍ୟ ଦେଶ ମାନଙ୍କ ତୁଳନାରେ ଏହି ଦୁଇଟି ଦେଶ ଏତେ ଅଧିକ ଶକ୍ତିଶାଳୀ ଥିଲେ ଯେ ସେମାନଙ୍କର କ୍ଷମତା ଓ ପ୍ରଭାବ ପୃଥିବୀର କୋଣ ଅନୁକୋଣକୁ ବ୍ୟାପି ଯାଇଥିଲା । ୧୯୪୭ ମସିହାରେ ସ୍ୱାଧୀନତା ପ୍ରାପ୍ତି ପରେ ଭାରତ ଉଭୟ ଦେଶଙ୍କ ସହ ସୁସମ୍ପର୍କ ରଖିବାକୁ ଚାହିଁଥିଲା । ଯେହେତୁ ଗୋଟିଏ ପଟେ ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ତଥା ଏସିଆର ପ୍ରଥମ ସଂପୂର୍ଣ୍ଣ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତର ଆବିର୍ଭାବ ବିଧି ନିର୍ଦ୍ଦିଷ୍ଟ ଥିଲା ଏବଂ ଅନ୍ୟପଟେ ଯୁକ୍ତରାଷ୍ଟ୍ର ପୃଥିବୀର ସବୁଠାରୁ ଶକ୍ତିଶାଳୀ ଗଣତନ୍ତ୍ର ହିସାବରେ ଖ୍ୟାତି ହାସଲ କରିଥିଲା । ଏହି ଦୁଇ ଦେଶ ମଧ୍ୟରେ ଏକକରମର ପ୍ରାକୃତିକ ବନ୍ଧନ ରହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା, ସେହିପରି ଭାରତ ଓ ସୋଭିଏତ୍ ରୁଷ୍ ମଧ୍ୟରେ ଅନେକ ସାମଞ୍ଜସ୍ୟ ଥିଲା । ମାତ୍ର ଏହି ଦୁଇଦେଶ ସହ ଭାରତର ସଂପର୍କ ଭିନ୍ନ ମୋଡ଼ ନେଇଥିଲା ।

## ଉଦ୍ଦେଶ୍ୟ

ଏହି ବିଷୟଟି ପଢ଼ିସାରିଲା ପରେ ଆପଣ ମାନେ :

- ଭାରତ ସ୍ୱାଧୀନତା ସଂଗ୍ରାମ ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥନ ବିଷୟରେ ଜାଣିପାରିବେ;
- ଶୀଳତ ଯୁଦ୍ଧ ସମୟରେ ଭାରତ-ଯୁକ୍ତରାଷ୍ଟ୍ର ସଂପର୍କରେ ଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରାପାରିବେ;
- ସମସାମୟିକ ପ୍ରସଙ୍ଗ ଗୁଡ଼ିକର ଦୃଷ୍ଟିକୋଣରୁ ଭାରତ-ଯୁକ୍ତରାଷ୍ଟ୍ର ସଂପର୍କରେ ବିଶ୍ଳେଷଣ କରିପାରିବେ;
- ରାଜନୈତିକ ତଥା ଅର୍ଥନୈତିକ କ୍ଷେତ୍ରରେ ଭାରତ ଓ ତତ୍କାଳୀନ ସୋଭିଏତ୍ ରୁଷ ମଧ୍ୟରେ ଥିବା ନିବିଡ଼ ସଂପର୍କକୁ ବାଖ୍ୟା କରିପାରିବେ ।
- ଭାରତ ଓ ରୁଷିଆ ମଧ୍ୟରେ ସହଯୋଗର କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିପାରିବେ ।

## ୨୭.୧. ଭାରତ- ଯୁକ୍ତରାଷ୍ଟ୍ର ଆମେରିକା ସଂପର୍କ

ସ୍ୱାଧୀନତା ପ୍ରାପ୍ତିର ଛଅ ବର୍ଷ ପୂର୍ବରୁ, ଅର୍ଥାତ୍ ନଭେମ୍ବର ୧୯୪୧ ମସିହାରୁ ଭାରତ ଏବଂ ଆମେରିକା ମଧ୍ୟରେ କୁଟନୈତିକ ଯୋଗସୁତ୍ର ଆରମ୍ଭ ହୋଇଥିଲା । ଭାରତର ସ୍ୱାଧୀନତା ସଂଗ୍ରାମ ପ୍ରତି ଆମେରିକାର ଯଥେଷ୍ଟ ସଦିଚ୍ଛା ଥିଲା । ଆମେରିକା ଯେ ଭାରତର ସ୍ୱାଧୀନତା ପ୍ରଶ୍ନ ପ୍ରତି ବ୍ରିଟିଶ ସରକାରଙ୍କ ଆଭିମୁଖ୍ୟ କୁ

ନାପସନ୍ଦ କରୁଥିଲା ତାହା ଭାରତ ସହ କୁଟନୈତିକ ସଂପର୍କ ସ୍ଥାପନ କରିବାର ନିଷ୍ପତ୍ତି ରୁ ବେଶ୍ ସ୍ପଷ୍ଟ ହୋଇଯାଇଥିଲା । ହିଟ୍‌ଲର୍ ଙ୍କ ବିରୁଦ୍ଧରେ ଯୁଦ୍ଧରେ ଭାରତର ଅଂଶଗ୍ରହଣ ବଦଳରେ ବ୍ରିଟିଶ ସରକାର ଯୁଦ୍ଧପରେ ଭାରତକୁ 'ସ୍ୱରାଜ'ଦେବାର ପ୍ରତିଜ୍ଞା କରନ୍ତୁ ବୋଲି ଆମେରିକା ଚାହୁଁଥିଲା । ଆମେରିକା ଓ ବ୍ରିଟେନ ଦ୍ୱାରା ପ୍ରସ୍ତୁତ ଆଟ୍‌ଲାଣ୍ଟିକ ଘୋଷଣାନାମା, ଦ୍ୱିତୀୟ ବିଶ୍ୱଯୁଦ୍ଧର ସଫଳ ପରିସମାପ୍ତି ପରେ ଏକ ନୂତନ ଯୁଗର ଆରମ୍ଭ ନେଇ ପୃଥିବୀର ପରାଧୀନ ଲୋକମାନଙ୍କ ମନରେ ଆଶାର କିରଣ ସଞ୍ଚାର କରିଥିଲା । ଆମେରିକାର ଏହି ଉଦ୍ୟମ ଭାରତରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ମାତ୍ର ପରିବର୍ତ୍ତୀ ସମୟରେ ଏହି ଘୋଷଣାନାମା କେବଳ ହିଟ୍‌ଲରଙ୍କ ନାଜି ବାହିନୀ କବଳରେ ଥିବା ୟୁରୋପୀୟମାନଙ୍କ ପାଇଁ ପ୍ରଯୁଜ୍ୟ ବୋଲି ବ୍ରିଟେନ୍ ଘୋଷଣା କରିଥିଲା ।

## ୨୭.୧.୧ ଶୀତଳ ଯୁଦ୍ଧ ସମୟରେ ସଂପର୍କ

ଭାରତ ଓ ଆମେରିକା ମଧ୍ୟରେ ସଂପର୍କ ଆଶାନୁରୂପ ବୃଦ୍ଧି ପାଇବାରେ ବିଫଳ ହୋଇଥିଲା । ଏହି ସମ୍ପର୍କର ଦିଗ ବଦଳିବା ନେଇ ଅନେକ ଗୁଡ଼ିଏ କାରଣକୁ ଦାୟୀ କରାଯାଇପାରେ । ତନ୍ମଧ୍ୟରୁ ମୁଖ୍ୟ କାରଣ ହେଲା ସାମ୍ୟବାଦ କୁ ପ୍ରତିହତ କରିବାପାଇଁ ଆମେରିକାର ବ୍ୟଗ୍ରତା ଯାହାକି ଆମେରିକା ଓ ସୋଭିଏତ୍ ସଂଘ ମଧ୍ୟରେ ଶୀତଳ ଯୁଦ୍ଧର ସୂତ୍ରପାତ କରିଥିଲା । ଉଭୟ ବୃହତ୍ ଶକ୍ତି ମଧ୍ୟରେ ଏହି ସମୟରେ ଆରମ୍ଭ ହୋଇଥିଲା । ପ୍ରତିଯୋଗିତା ମୂଳକ ସାମରିକମେଣ୍ଟ ରାଜନୀତି । ଆମ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଙ୍କ ନେତୃତ୍ୱରେ ପରିଚାଳିତ ସଦ୍ୟ-ସ୍ୱାଧୀନ ଭାରତ ଏପ୍ରକାର ରାଜନୀତିରେ ସାମିଲ ହେବା ପାଇଁ ଆଦୌ ଇଚ୍ଛୁକ ନ ଥିଲା । ବୈଦେଶିକ ନୀତି ତଥା ସଂପର୍କ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ଉଦ୍ଦେଶ୍ୟରେ ଭାରତ ଗୋଷ୍ଠୀ ନିରପେକ୍ଷ ନୀତି ଅବଲମ୍ବନ କରିଥିଲା । ଶୀତଳ ଯୁଦ୍ଧର ରାଜନୀତିରେ ଭାରତର ଆମେରିକା କୁ ସମର୍ଥନ ନ କରିବା ନିଷ୍ପତ୍ତି କୁ ଆମେରିକା ବନ୍ଧୁତାର ବିରୋଧୀ ମନୋଭାବ ଭାବେ ଦେଖିଥିଲା । ଭାରତ-ଆମେରିକା ସୁ-ସମ୍ପର୍କର ଆଶା ପ୍ରତି ୧୯୫୪ ମସିହାରେ ଏକ ଶକ୍ତ ଧକ୍କା ଲାଗିଥିଲା । ଆମେରିକା ଦକ୍ଷିଣ-ପୂର୍ବ ଏସୀୟ ତଥା କେନ୍ଦ୍ର-ଏସୀୟ ରାଷ୍ଟ୍ରମାନଙ୍କ ସହ ଦୁଇଟି ସାମରିକମେଣ୍ଟ, ଯଥା SEATO ଏବଂ CENTO ପ୍ରତିଷ୍ଠା କରିଥିଲା ଯେଉଁଥିରେ କି ପାକିସ୍ଥାନ ଏକ ସକ୍ରିୟ ସଭ୍ୟ ଭାବରେ ଯୋଗଦେଇଥିଲା । ଏଭଳି ଭାବରେ ଆମେରିକା ଶୀତଳ ଯୁଦ୍ଧ ମାଧ୍ୟମରେ ଶତ୍ରୁତାକୁ ଭାରତର ଦ୍ୱାରଦେଶ ପର୍ଯ୍ୟନ୍ତ ନେଇଆସିଥିଲା । ସାମ୍ୟବାଦର ପ୍ରସାର କୁ ପ୍ରତିହତ କରିବା ପାଇଁ ଆମେରିକା ପାକିସ୍ଥାନକୁ ସାମରିକ ସାହାଯ୍ୟ ଯୋଗାଇଥିଲା । ମାତ୍ର ଏହି ସାହାଯ୍ୟକୁ ପାକିସ୍ଥାନ ଭାରତ ବିରୋଧରେ ପ୍ରୟୋଗ କରିଥିଲା ଯାହାକି ଆମେରିକା ଆରମ୍ଭରୁ ଦେଇଥିବା କଥାର ପରିପନ୍ଥୀ ଥିଲା ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୭.୧

**ଶୂନ୍ୟ ସ୍ଥାନ ପୂରଣ କର ।**

୧। ଭାରତ -ଯୁକ୍ତରାଷ୍ଟ୍ର ଆମେରିକା କୁଟନୈତିକ ସଂପର୍କ________ ମସିହାରେ ଆରମ୍ଭ ହୋଇଥିଲା ।
(୧୯୪୧) (୧୯୪୭)


୨। ଏସିଆରେ ଆମେରିକା ଦ୍ୱାରା ପ୍ରତିଷ୍ଠିତ ସାମରିକ ମେଣ୍ଟ କ'ଣ ଥିଲା ?
(SEATO) (CENTO)

୩। ୧୯୭୭ ମସିହାରେ କେଉଁ ଆମେରିକୀୟ ରାଷ୍ଟ୍ରପତି ଭାରତ ଗସ୍ତରେ ଆସିଥିଲେ ?
(ଜିମ୍ମି କାର୍ଟର୍) (ରିଚାର୍ଡ଼ ନିକ୍ସନ୍ )

୪। ଭାରତକୁ ଗହମ ରପ୍ତାନୀ ଉଦ୍ଦେଶ୍ୟରେ ଆମେରିକାୟ କଂଗ୍ରେସରେ________ ଗୃହୀତ ହୋଇଥିଲା । (PL 480) (PL 408)

୫। ଭାରତର ବିକାଶ ନିମନ୍ତେ ଆମେରିକାର ସାହାଯ୍ୟ________ରେ ଶୀର୍ଷରେ ପହଞ୍ଚିଥିଲା ।

(୧୯୬୨) (୧୯୬୫)




Notes

---

ଅକ୍ଟୋବର ୧୯୬୨ ମସିହାର ଭାରତ-ଚୀନ ଯୁଦ୍ଧ ଭାରତ -ଆମେରିକା ସଂପର୍କରେ ଏକ ନୂତନ ଉପାଦାନ ଯୋଡ଼ି ଥିଲା । ପ୍ରଥମ ଥର ପାଇଁ ଭାରତରେ ଚୀନର ମୁକାବିଲା ନିମନ୍ତେ ଆମେରିକା ସହ ସୁସମ୍ବନ୍ଧ ଉପରେ ଅନେକ ଗୁରୁତ୍ୱ ଆରୋପ କଲେ । ସେହିପରି ଆହୁରି ଅନେକେ ଗୋଷ୍ଠୀ ନିରପେକ୍ଷ ନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଦାବି କଲେ । ଭାରତ ଚୀନ୍ ବିରୁଦ୍ଧରେ ତଥା ସାମ୍ୟବାଦୀମେଣ୍ଟ ବିରୁଦ୍ଧରେ ଭାରତ ଏକ ମୁଖ୍ୟ ଭୂମିକା ନେଇପାରିବ ବୋଲି ଯୁକ୍ତରାଷ୍ଟ୍ରରେ ଆଶାର ସଞ୍ଚାର ହେଲା । ଯେତେବେଳେ ଚୀନ ର ଭାରତ ଆକ୍ରମଣର ମାତ୍ରା ବଢ଼ିବାରେ ଲାଗିଲା, ଭାରତ ୱାଶିଂଟନ (ଯୁକ୍ତରାଷ୍ଟ୍ର)କୁ ତୁରନ୍ତ ସାମରିକ ସହଯୋଗ ପାଇଁ ଅନୁରୋଧ କଲା । ଏହି ଅନୁରୋଧକୁ ଅଗ୍ରାଧିକାର ଦେଇ ଯୁକ୍ତରାଷ୍ଟ୍ରର ତତ୍କାଳୀନ ରାଷ୍ଟ୍ରପତି ଜନ୍. ଏଫ୍. କେନେଡି ସଂଗେ ସଂଗେ ଭାରତକୁ ଛୋଟ ଛୋଟ ଅସ୍ତ୍ର ତଥା ଉପକରଣ ଯୋଗାଇଥିଲେ । ଉଭୟ ପକ୍ଷ ମଧରେ କୌଣସି ରାଜିନାମା ହେବା ପୂର୍ବରୁ ପ୍ରଥମ କିସ୍ତିର ଅସ୍ତ୍ରଶସ୍ତ୍ର ଭାରତରେ ପହଞ୍ଚି ଯାଇଥିଲା । ଏହି ଅସ୍ତ୍ର ବାବଦରେ ମୂଲ୍ୟକୁ ଟଙ୍କା ଆକାରରେ ନେବା ପାଇଁ ମଧ ଯୁକ୍ତରାଷ୍ଟ୍ର ରାଜି ହୋଇଯାଇଥିଲା ।

ମାତ୍ର ୧୯୬୫ ମସିହାରେ ପାକିସ୍ଥାନ ଭାରତ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିଥିବା ସତ୍ତ୍ୱେ ପାକିସ୍ଥାନକୁ ଦୋଷୀ ସାବ୍ୟସ୍ତ କରିବାକୁ ଯୁକ୍ତରାଷ୍ଟ୍ର ଅରାଜି ହୋଇଥିଲା । ଯାହାଫଳରେ ଭାରତରେ ଆମେରିକା ପ୍ରତି ଥିବା ସଦିଚ୍ଛା କମିବାରେ ଲାଗିଲା । ଏହା ସାଂଗକୁ ଯୁକ୍ତରାଷ୍ଟ୍ରର ପାକିସ୍ଥାନକୁ ସମର୍ଥନ ଓ ଭିଏତ୍ ନାମ ବିରୁଦ୍ଧରେ ଏହାର ଯୁଦ୍ଧ ୧୯୬୦ ଦଶନ୍ଧିରେ ଭାରତ- ଯୁକ୍ତରାଷ୍ଟ୍ର ସଂପର୍କକୁ ଶୀଥିଳ କରିଦେଇଥିଲା । ୧୯୭୦ ଦଶନ୍ଧିର ଆରମ୍ଭରେ ଚୀନ ପ୍ରତି ଆମେରିକାର ବନ୍ଧୁତ୍ୱ ଭାବ, ଯାହାକି ପାକିସ୍ଥାନର ସହାୟତାରେ ସମ୍ଭବ ହୋଇଥିଲା, ଭାରତ-ଯୁକ୍ତରାଷ୍ଟ୍ର ସଂପର୍କ ର ଗତି ବଦଳାଇବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରଥିଲା ।

ବଙ୍ଗଳାଦେଶ ଘଟଣା ଭାରତ-ଯୁକ୍ତରାଷ୍ଟ୍ର ସଂପର୍କର ନୂତନ ସମସ୍ୟା ସୃଷ୍ଟି କରିଥିଲା । ତତ୍କାଳୀନ ପୂର୍ବ-ପାକିସ୍ଥାନ (ଆଧୁନିକ ବାଂଲାଦେଶ) ର ବିଦ୍ରୋହକୁ ଯୁକ୍ତରାଷ୍ଟ୍ର ପ୍ରଶାସନ ପାକିସ୍ଥାନକୁ ବିଭାଜିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ବିବେଚନା କରିଥିଲା ଏବଂ ଏହି ବିଦ୍ରୋହକୁ ଦମନ କରିବା ନିମନ୍ତେ ପାକିସ୍ଥାନ ଚଳାଇଥିବା ଦମନଲୀଳା କୁ ଯଥାର୍ଥ ବୋଲି କହିଥିଲା । ବଙ୍ଗଳାଦେଶ ଯୁଦ୍ଧ( ୧୯୭୧ ) ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ଜାତିସଂଘର ନିରାପତ୍ତା ପରିଷଦରେ ଭାରତ ବିରୋଧୀ ପ୍ରସ୍ତାବ ଆଗତ କରିଥିଲା ଏବଂ ଭାରତକୁ ଅର୍ଥନୈତିକ ସାହାଯ୍ୟ ଦେବା ବନ୍ଦ କରିଦେଇଥିଲା । ସ୍ୱେଚ୍ଛାସେବା ସଂସ୍ଥା ମାନଙ୍କ ଦ୍ୱାରା ମାଗଣାରେ ଦିଆଯାଉଥିବା ଖାଦ୍ୟସାମଗ୍ରୀ ହିଁ କେବଳ ଭାରତ କୁ ସାହାଯ୍ୟ ଆକାରରେ ଯାହା ମିଳିଲା । ଭାରତ ବିରୋଧରେ ସାମରିକ ପଦକ୍ଷେପ ନେବାକୁ ଯୁକ୍ତରାଷ୍ଟ୍ର କୁଣ୍ଠାବୋଧ କରିନଥିଲା । ଯୁକ୍ତରାଷ୍ଟ୍ର ତା'ର ସପ୍ତମ ନୌଭେଳା ର ଏକ ଅଂଶକୁ ବଙ୍ଗୋପସାଗରକୁ ଛାଡ଼ିଥିଲା । ପାକିସ୍ଥାନ ସୈନ୍ୟବାହିନୀ ସହିତ ନିଜର ଏକତା ପ୍ରଦର୍ଶନ କରିବା ପାଇଁ ତଥା ଏହାକୁ ପରାଜୟରୁ ବଞ୍ଚାଇବା ପାଇଁ ଆଣବିକ ଶକ୍ତି ସଂପନ୍ନ ବିମାନ ବାହୀ ୟୁଏସ୍ ଏସ୍ ଏଣ୍ଟରପ୍ରାଇସ (USS Enterprise) ବଙ୍ଗୋପସାଗର ଅଭିମୁଖେ ଜଳଯାତ୍ରା ଆରମ୍ଭ କରିଥିଲା । ଦକ୍ଷିଣ ଏସିଆରେ ଭାରତ ଯେ ଏକ ମୁଖ୍ୟ ଦେଶ ଏହା ସ୍ୱୀକାର କରିବା ପାଇଁ ଆମେରିକାକୁ ବେଶ୍ କିଛି ବର୍ଷ ଲାଗିଥିଲା । ଭାରତ ମଧ ସମାଧାନର ମନୋଭାବ ପୋଷଣ କରି ୧୯୭୭ ମସିହାରେ ଆମେରିକାର ରାଷ୍ଟ୍ରପତି କାର୍ଟରଙ୍କ ଅତିଥି ସତ୍କାର କରିଥିଲା ।



Notes

ମାତ୍ର ଏହି ସଂପର୍କକୁ ପୁଣି ଏକ ଧକ୍କା ଲାଗିଲା । ୧୯୭୯ ମସିହାରେ ସୋଭିଏତ୍ ରୁଷ ଦ୍ୱାରା ଆଫଗାନିସ୍ଥାନ ଆକ୍ରମଣ ଭାରତ ଓ ଯୁକ୍ତରାଷ୍ଟ୍ରକୁ ଦୁଇଟି ପରସ୍ପର ବିରୋଧୀ ଶିବିରରେ ଅବସ୍ଥାପିତ କରାଇଲା । ପାକିସ୍ଥାନ ଆମେରିକାର ଘନିଷ୍ଠ ମିତ୍ର ଭାବରେ ଆଫଗାନ ମୁଜାହିଦିନ୍ ମାନଙ୍କୁ ସାମରିକ ସାହାଯ୍ୟ ଦେବାରେ ସହାୟକ ହୋଇଥିଲା । ସୋଭିଏତ ରୁଷ୍‌ର ଆଫଗାନିସ୍ଥାନ ବିରୋଧୀ କାର୍ଯ୍ୟ ପ୍ରତି ଭାରତର ପ୍ରଚ୍ଛନ୍ନ ସମର୍ଥନ ଆମେରିକା ସହ ତା'ର ସଂପର୍କକୁ ତିକ୍ତ କରିଥିଲା, ଏହା ନିଃସନ୍ଦେହ ।

## ୨୭.୧.୨ ଭାରତକୁ ଆମେରିକୀୟ ସାହାଯ୍ୟ

ଭାରତକୁ ଆମେରିକାର ଅର୍ଥନୈତିକ ସାହାଯ୍ୟ ମନ୍ଥର ଭାବରେ ଆରମ୍ଭ ହୋଇଥିଲା । ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତର ଜନସଂଖ୍ୟା ତୁଳନାରେ ଖାଦ୍ୟ ଉତ୍ପାଦନର ହାର ଯଥେଷ୍ଟ କମ୍ ଥିଲା । ଭାରତରେ ଔଦ୍ୟୋଗିକ ତଥା ସେବା କ୍ଷେତ୍ର ର ବିଶେଷ ବିକାଶ ମଧ୍ୟ ହୋଇନଥିଲା । ସେଥିପାଇଁ ଭାରତ ଅନ୍ୟଦେଶମାନଙ୍କ ଉପରେ ସାହାଯ୍ୟ ପାଇଁ ନିର୍ଭରଶୀଳ ଥିଲା । ପ୍ରଥମ ଦଫାରେ ଯୁକ୍ତରାଷ୍ଟ୍ର ଭାରତ ନିମନ୍ତେ ସାହାଯ୍ୟ ଉଦ୍ଦେଶ୍ୟରେ ଖାଦ୍ୟ ସାମଗ୍ରୀ ୧୯୫୧ ମସିହାରେ ପଠାଇଥିଲା । ୧୯୫୪ ମସିହାରେ ଆମେରିକୀୟ କଂଗ୍ରେସ "ସାଧାରଣ ଆଇନ ୪୮୦" (Public Law 480 or PL 480) ଗୃହୀତ କରାଇ ଭାରତ ନିମନ୍ତେ ଉଦ୍‌ବୃତ୍ତ ଆମେରିକୀୟ ଗହମ ଯୋଗାଣକୁ ଅନୁମତି ଦେଇଥିଲା । PL 480 ବଳରେ ଭାରତ ୧୯୭୦ ଦଶକର ଆରମ୍ଭ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଠାରୁ ଖାଦ୍ୟ ଶସ୍ୟ ପାଇବାରେ ଲାଗିଲା । ରାଜନୈତିକ ମତଭେଦ ସତ୍ତ୍ୱେ ଶୀତଳ ଯୁଦ୍ଧ ସମୟରେ ୧୯୫୦ ଦଶକରୁ ଆରମ୍ଭ କରି ଭାରତ ଆମେରିକା ଠାରୁ ଯଥେଷ୍ଟ ପରିମାଣରେ ଅର୍ଥନୈତିକ ତଥା ଖାଦ୍ୟସାମଗ୍ରୀ ରେ ଯଥେଷ୍ଟ ସାହାଯ୍ୟ ପାଇଥିଲା ।

ଖାଦ୍ୟ ଯୋଗାଣ ସହିତ ଯୁକ୍ତରାଷ୍ଟ ଆମେରିକା ଭାରତକୁ ଯଥେଷ୍ଟ ପରିମାରଣରେ ଦ୍ୱିପାକ୍ଷିକ ବିକାଶମୂଳକ ସହାୟତା ପ୍ରଦାନ କରିଥିଲା । ମାତ୍ର ଏଠାରେ ମନେରଖିବା କଥା ଯେ ଏ ସାହାଯ୍ୟ ବୃହତ୍ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଉଦ୍ଦିଷ୍ଟ ନଥିଲା । ଏହା କେବଳ କୃଷି, କଂମାଲ ତଥା ଖଣିଜ ଦ୍ରବ୍ୟର ବିକାଶ ନିମନ୍ତେ ଦିଆଯାଇଥିଲା । ବୃହତ୍ ଶିଳ୍ପର ପ୍ରତିଷ୍ଠା ନିମନ୍ତେ ଭାରତ ସୋଭିଏତ୍ ସଂଘର ସାହାଯ୍ୟ ଲୋଡ଼ିଥିଲା । ୧୯୬୨ ମସିହା ବେଳକୁ ଯୁକ୍ତରାଷ୍ଟ୍ରର ଭାରତକୁ ଯୋଗାଇଥିବା ବିକାଶମୂଳକ ସାହାଯ୍ୟର ପରିମାଣ ୫୦୦ ନିୟୁତ ଡଲାର ରେ ପହଂସାରିଥିଲା । ବଂଗଳାଦେଶ ଯୁଦ୍ଧ ସମୟରେ ଆମେରିକା ଭାରତକୁ ଅର୍ଥନୈତିକ ସାହାଯ୍ୟ ଦେବା ବନ୍ଦ କରିଦେଇଥିଲା । ମାତ୍ର ଦୀର୍ଘ ଦିନର ବିରତି ପରେ ୧୯୭୮ ମସିହାରେ ଦ୍ୱିପାକ୍ଷିକ ସହାୟତା ପୁଣି ଆରମ୍ଭ ହୋଇଥିଲା । ମାତ୍ର ୧୯୭୦ ଦଶକର ଶେଷବେଳକୁ ଏହି ଦ୍ୱିପାକ୍ଷିକ ସହାୟତାର ଗୁରୁତ୍ୱ କମିଯାଇଥିଲା । କାରଣ ସେତେବେଳେକୁ ବିଶ୍ୱବ୍ୟାଙ୍କ୍ ର ଅଙ୍ଗୀକୃତ ଆନ୍ତର୍ଜାତିକ ବିକାଶ ପ୍ରାଧିକରଣ(International Development Authority ବା IDA) ଦ୍ୱାରା ପ୍ରଦାନ କରାଯାଉଥିବା ବହୁପାକ୍ଷିକ ସାହାଯ୍ୟର ପରିମାଣ ଯଥେଷ୍ଟ ବଢ଼ିସାରିଥିଲା । ଏହା ଅବଶ୍ୟ ସତ ଯେ IDA ଦ୍ୱାରା ଦିଆଯାଉଥିବା ସାହାଯ୍ୟର ଭାର ଅନେକାଂଶରେ ଆମେରିକା ବହନ କରୁଥିଲା । ୧୯୮୦ ଦଶକ ବେଳକୁ ବିଶ୍ୱ ବ୍ୟାଙ୍କ ଦ୍ୱାରା ଦିଆଯାଇଥିବା ଋଣର ପରିମାଣ ଦୁଇ ଶହ କୋଟି ଡଲାରରେ ପହଂ ସାରିଥିଲା । ତେଣୁ ଭାରତ ପାଇଁ ଦ୍ୱିପାକ୍ଷିକ ଅପେକ୍ଷା ବହୁପାକ୍ଷିକ ସାହାଯ୍ୟ ପ୍ରତି ଆମେରିକାର ଆଭିମୁଖ୍ୟ ବେଶି ଗୁରୁତ୍ୱପୂର୍ଣ୍ଣ ଥିଲା । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (International Monetary Fund)କୁ ଯେତେବେଳେ ଭାରତ ୧୯୮୧ ମସିହାରେ ୫୮୦ କୋଟି ଡଲାରର ଋଣ ନିମନ୍ତେ ଅନୁରୋଧ କରିଥିଲା। ଆମେରିକା ତା'କୁ ବିରୋଧ କରିନଥିଲା । ଏତେ ପରମାଣରେ ଋଣ ଭାରତ ପୂର୍ବରୁ କୌଣସି ସଭ୍ୟ ରାଷ୍ଟ୍ର ଚାହିଁନଥିଲେ ।

## ୨୭.୧.୩ ସମସାମୟିକ ଭାରତ - ଯୁକ୍ତରାଷ୍ଟ୍ର ଆମେରିକା ସଂପର୍କ

୧୯୯୦ରେ ଶୀତଳ ଯୁଦ୍ଧର ପରିସମାପ୍ତି ପରେ ଯୁକ୍ତରାଷ୍ଟ୍ର ଏକମାତ୍ର ବୃହତ୍‌ଶକ୍ତି ଭାବରେ ଉଭା ହେଲା । ଏହି ନୂତନ ବାସ୍ତବତା ଭାରତ- ଆମେରିକା ସଂପର୍କର ପୁନଃ ସମୀକ୍ଷା ପାଇଁ ସୁଯୋଗ ପ୍ରଦାନ କଲା। ଭାରତ ଓ ଆମେରିକା ର ସମ୍ବନ୍ଧ କୁ ଘନିଷ୍ଠ କରିବା ପାଇଁ ନୂତନ ସୁଯୋଗ ସୃଷ୍ଟି ହେବାରେ ଲାଗିଲା । ସାମରିକ ସ୍ତରରେ ଯୋଗସୂତ୍ର ରକ୍ଷା କରାଗଲା । ଆମେରିକା ବିପୁଳ ଆକାରରେ ଭାରତରେ ପୁଞ୍ଜି ବିନିଯୋଗ କରିବାକୁ ଲାଗିଲା । ସୁଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ନିଯୁକ୍ତ କୁଶଳୀ ଭାରତୀୟ କର୍ମୀମାନେ ଯୁକ୍ତରାଷ୍ଟ୍ର ସମ୍ମୁଖରେ ଭାରତର ଏକ ସକାରାତ୍ମକ ଛବି ପ୍ରଦାନ କରିବାର ସକ୍ଷମ ହେଲେ ।୨୦୦୦ ମସିହାରେ ରାଷ୍ଟ୍ରପତି କ୍ଲିଣ୍ଟନ୍ ଙ୍କ ଭାରତ ଗସ୍ତ ଅତ୍ୟନ୍ତ ଫଳପ୍ରଦ ଥିଲା । ରାଜନୈତିକ କ୍ଷେତ୍ରରେ ସନ୍ତ୍ରାସବାଦ ତଥା ଅସ୍ତ୍ର ପ୍ରସାର ନିରୋଧ ମୁଖ୍ୟ ପ୍ରସଙ୍ଗ ହେଲା । ୧୯୯୯ ମସିହାର କାର୍‌ଗୀଲ୍ ସଂକଟ ସମୟରେ ଆମେରିକାର ଭୂମିକା ଦୁଇ ଦେଶ ମଧ୍ୟରେ ସଂପର୍କର ଏକ ନୂତନ ଦିଗ ସୃଷ୍ଟି କଲା । ଏହି ସଂକଟ ବେଳେ ରାଷ୍ଟ୍ରପତି ବିଲ୍ ଜେ. କ୍ଲିଣ୍ଟନ୍ ପାକିସ୍ଥାନକୁ କାଶ୍ମୀର ସୀମାନ୍ତର ନିୟନ୍ତ୍ରଣ ରେଖା ର ଭାରତ ପଟରୁ ନିଜର ସୈନ୍ୟ ଫେରାଇନେବାକୁ ପ୍ରବର୍ତ୍ତାଇଥିଲେ । ଏହା ଭାରତ- ଆମେରିକା ସଂପର୍କର ଏକ ମାଇଲ୍ ଖୁଣ୍ଟ ବୋଲି ବିବେଚନା କରାଯାଏ ।

ଜମ୍ମୁ ଓ କାଶ୍ମୀରରେ ପାକିସ୍ଥାନ ର ଭୂମିକା ଓ ତତ୍‌ଜନିତ ସନ୍ତ୍ରାସବାଦ ର ମୁକାବିଲା ର ଆବଶ୍ୟକତା ଉପରେ ଭାରତ ଯେତେ ଗୁରୁତ୍ୱ ଦେଲେ ମଧ୍ୟ ଆମେରିକା ଏ ଦିଗରେ ବିଶେଷ ଆଗ୍ରହ ପ୍ରଦର୍ଶନ କରିନଥିଲା । ୧୧ ସେପ୍ଟେମ୍ବର ୨୦୦୧ ମସିହାର ଆମେରିକାର ନ୍ୟୁୟର୍କ ଓ ୱାଶିଂଟନ ଉପରେ ସନ୍ତ୍ରାସବାଦୀ ହମଲା ପରେ ଆମେରିକାର ଚେତା ପଶିଥିଲା । ସନ୍ତ୍ରାସବାଦକୁ ପ୍ରତିହତ କରିବାପାଇଁ ଆମେରିକାକୁ ସଂପୂର୍ଣ୍ଣ ସହଯୋଗ କରିବ ବୋଲି ଭାରତ ପ୍ରତିଶ୍ରୁତି ଦେଇଥିଲା । ମାତ୍ର ଆଫଗାନିସ୍ଥାନ ର ତାଲିବାନ ତଥା କାଶ୍ମୀର ର ଜେହାଦି ମାନଙ୍କୁ ସମର୍ଥନ ଦେବା ଦ୍ୱାରା ପାକିସ୍ଥାନ ଆନ୍ତର୍ଜାତିକ ଆତଙ୍କବାଦର କେନ୍ଦ୍ରବିନ୍ଦୁ ପାଲଟିଛି ବୋଲି ଭାରତ ଯେତେ ଯୁକ୍ତି କଲେ ମଧ୍ୟ ଆମେରିକା ସେଥିପ୍ରତି କର୍ଣ୍ଣପାତ କରିନଥିଲା। ଅଲ୍-କାଏଦା ଆତଙ୍କବାଦୀଙ୍କ ମୁକାବିଲା ନିମନ୍ତେ ଆମେରିକା ଭାରତ ଅପେକ୍ଷା ପାକିସ୍ଥାନର ସହଯୋଗ ବେଶୀ ଚାହିଁଥିଲା । ଆମେରିକା ଭଲ ଆତଙ୍କବାଦୀ ଓ ମନ୍ଦ ଆତଙ୍କବାଦୀ ଭିତରେ ଏକ ପାର୍ଥକ୍ୟ ସୃଷ୍ଟି କରିଥିଲା । ଯେତେବେଳେ ଅକ୍ଟୋବର ଓ ଡ଼ିସେମ୍ବର ୨୦୦୧ ମସିହାରେ ଯଥାକ୍ରମେ କାଶ୍ମୀର ବିଧାନସଭା ଓ ଭାରତୀୟ ସଂସଦ ଉପରେ ଆତଙ୍କବାଦୀ ହମଲା ହୋଇଥିଲା ସେତେବେଳେ ଆମେରିକା ତା'ର ସମବେଦନା ଜଣାଇଥିଲା, ଆତଙ୍କବାଦ ବିରୁଦ୍ଧରେ ସଂଗ୍ରାମ ନିମନ୍ତେ ଆମେରିକା ମିତ୍ର ରାଷ୍ଟ୍ର ଯୋଗାଡିବାରେ ଲାଗିଲା ଏବଂ ଏ ଦିଗରେ ପାକିସ୍ଥାନକୁ (ଯେ ପରି ଶୀଳତ ଯୁଦ୍ଧ ସମୟରେ ଘଟିଥିଲା ) ଏକ ଅଗ୍ରଣୀ ମିତ୍ରରାଷ୍ଟ୍ରର ମାନ୍ୟତା ଦେଲା । ଏକଦା ପାକିସ୍ଥାନର ଜେନେରାଲ୍ ପର୍‌ଭେଜ୍ ମୁଶାରଫ୍ ଙ୍କ ନେତୃତ୍ୱାଧୀନ ସାମରିକ ଶାସନ ର ବଡ଼ ସମାଲୋଚକ ଥିବା ୱାଶିଂଟନ ବିର୍ତ୍ତମାନ ମୁଶାରଫ୍‌ଙ୍କୁ ଆତଙ୍କବାଦ ବିରୁଦ୍ଧରେ ଆନ୍ତର୍ଜାତିକ ସ୍ତରରେ ଆରମ୍ଭ ହୋଇଥିବା ସମ୍ମିଳିତ ଉଦ୍ୟମରେ ମୁଖ୍ୟ ଭାଗୀଦାର ବନାଇଲା । ବୁଶ୍ ପ୍ରଶାସନ ପାକିସ୍ଥାନ ବିରୁଦ୍ଧରେ ଲାଗୁ କରାଯାଇଥିବା ସମସ୍ତ ବାସନ୍ଦ ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେଇ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଲା ଏବଂ ମୁଶାରଫ୍ ସରକାରଙ୍କୁ ସେ ଯାବତ୍ ପାଇନଥିବା ରାଜନୈତିକ ସ୍ୱୀକୃତି ମଧ୍ୟ ପ୍ରଦାନ କଲା । ୱାଶିଂଟନ ର ପାକିସ୍ଥାନ ପ୍ରତି ଏ ପ୍ରକାର ମନୋଭାବ ଭାରତରେ ସ୍ୱାଭାବିକ ଆଶଙ୍କା ସୃଷ୍ଟି କରିଥିଲା ।

ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଆଶଙ୍କାରେ ବୁଶ୍ ପ୍ରଶାସନ ପାକିସ୍ଥାନରେ ରହି କାର୍ଯ୍ୟ କରୁଥିବା ଦୁଇଟି ସଂଗଠନକୁ ଆମେରିକା ଦ୍ୱାରା ଆତଙ୍କବାଦୀ ସଂଗଠନ ମାନଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରାଇଲେ । ଏହି ଦୁଇଟି ସଂଗଠନର ଭରତରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ରେ ହାତ ଥିବା ଭାରତ ଦାବି କରୁଥିଲା । ଏହା କରିବା ଦ୍ୱାରା ବୁଶ୍ ପ୍ରଶାସନ ଭାରତ ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସହ ପାକିସ୍ଥାନ

ସଂଶ୍ଳିଷ୍ଟ ବୋଲି ଭାରତ ଯେଉଁ ଅଭିଯୋଗ ଆଣିଥିଲା ତାହାକୁ ଗୁରୁତ୍ୱର ସହ ନେଇଛନ୍ତି ବୋଲି ଦେଖାଇବାକୁ ଚାହିଁଲେ । ଯଦିଓ ଆମେରିକା ପ୍ରକାଶ୍ୟରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ପାକିସ୍ତାନ ସରକାର ଜଡ଼ିତ ବୋଲି ଭାରତର ଦାବିକୁ ଗ୍ରହଣ କରିନଥିଲା, ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ରୋକିବାରେ ପାକିସ୍ତାନର ସକ୍ରିୟ ଭୂମିକା ରହିଛି ବୋଲି ନିଜ କଥା ଓ କାର୍ଯ୍ୟ ମାଧ୍ୟରେ ସୃଷ୍ଟି କରିଦେଇଥିଲା ।

କାନାଡ଼ା ଭଳି ଦେଶଙ୍କ ଛଡ଼ା ଯୁକ୍ତରାଷ୍ଟ୍ର ମଧ୍ୟ ୧୯୬୩ ମସିହାରେ ଆଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଭାରତର ସହାୟତା କରିଥିଲା । ମାତ୍ର ଭାରତ ଯେତେବେଳେ ୧୯୭୪ ମସିହାରେ ପୋଖରାନ୍ ଠାରେ ଶାନ୍ତିପୂର୍ଣ୍ଣ ପରମାଣୁ ପରୀକ୍ଷା କରାଇଲା ଏବଂ ଆଣବିକ ଅନଗ୍ରସରତା ଚୁକ୍ତି (NPT) ରେ ସ୍ୱାକ୍ଷର କରିବାକୁ ରାଜି ହେଲା ନାହିଁ ଆମେରିକାର ସହଯୋଗ ଓ ସହାୟତା ବାଧାପ୍ରାପ୍ତ ହୋଇଥିଲା ।

୧୯୭୮ ମସିହାରେ ଆମେରିକାର କଂଗ୍ରେସ୍‌ରେ ଆଣବିକ ଅନଗ୍ରସରତା ଆଇନ ଗୃହୀତ ହେଲା । ଏହି ଆଇନ ଅନୁଯାୟୀ ବ୍ୟବସ୍ଥା ହେଲା ଯେ ଆମେରିକା କେବଳ ସେହି ଦେଶମାନଙ୍କୁ ୟୁରାନିଅମ ରପ୍ତାନୀ କରିବ ଯେଉଁ ଦେଶମାନେ ନିଜର ଆଣବିକ କେନ୍ଦ୍ର ଗୁଡ଼ିକୁ ଆନ୍ତର୍ଜାତିକ ଆଣବିକ ଶକ୍ତି ସଂସ୍ଥା (IAEA)ଦ୍ୱାରା ନିରୀକ୍ଷଣ ପାଇଁ ଅନୁମତି ଦେବେ । ଆଣବିକ ଅସ୍ତ୍ରର ପ୍ରସାର ରୋକିବା ଯୁକ୍ତରାଷ୍ଟ୍ରର ମୁଖ୍ୟ ଲକ୍ଷ୍ୟ ଥିଲା । ଆଣବିକ ପ୍ରସଂଗ ଉପରେ ଉଭୟ ଦେଶ ମଧ୍ୟରେ ମତ ପାର୍ଥକ୍ୟ ଲାଗିରହିଲା । ୧୯୯୬ ମସିହାରେ ଆଣବିକ ପରୀକ୍ଷା ର ସଂପୂର୍ଣ୍ଣ ନିଷେଧ ସମ୍ବନ୍ଧୀୟ ଚୁକ୍ତି (Comprehensive Tesl Ban Treaty) ରେ ମଧ୍ୟ ଭାରତ ସ୍ୱାକ୍ଷର କରିନଥିଲା । ଯେତେବେଳେ ମେ ୧୯୯୮ ମସିହରେ ଭାରତ ପୋଖରାନ ଠାରେ ପୁଣି ପାଂଚଟି ଆଣବିକ ବୋମାର ପରୀକ୍ଷଣ କରାଇଲା । ଯୁକ୍ତରାଷ୍ଟ୍ର ଭାରତ ବିପକ୍ଷରେ ସାମରିକ ଓ ଅର୍ଥନୈତିକ ବାସନ୍ଦ ବ୍ୟବସ୍ଥା ଲାଗୁ କରାଇଲା । ଦୁଇ ଦେଶ ମଧ୍ୟରେ ସଂପର୍କ ଅତ୍ୟନ୍ତ ଖରାପ ହୋଇଗଲା । ଭାରତ କିନ୍ତୁ ଯୁକ୍ତରାଷ୍ଟ୍ର ର ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନ ଥିଲା । ଦୁଇବର୍ଷ ଧରି ଭାରତର ବୈଦେଶିକ ମନ୍ତ୍ରୀ ଯଶୋବନ୍ତ ସିଂହ ଏବଂ ଆମେରିକାର ବୈଦେଶିକ ବିଭାଗ ଉପସଚିବ ଷ୍ଟ୍ରେବ୍ ଟାଲବୋଟ୍ ଙ୍କ ମଧ୍ୟରେ ଅନେକବାର ଆଲୋଚନା ହେଲା । ୧୯୬୦ ଦଶକର ପ୍ରାରମ୍ଭରୁ ଆରମ୍ଭ କରି ସେ ଯାବତ୍ ଉଭୟ ଦେଶ ମଧ୍ୟରେ ଏତେ ଗୁରୁତ୍ୱର ସହ ତଥା ଏପରି ନିରବିଚ୍ଛିନ ଭାବରେ ଆଲୋଚନା ଆଗରୁ କେବେ ହୋଇନଥିଲା । ଏହି ଆଲୋଚନା ଗୁଡ଼ିକ ଦ୍ୱିପାକ୍ଷିକ ସଂପର୍କରେ ଏକ ବଡ଼ ଧରଣର ପରବର୍ତ୍ତନ ଆଣିବାରେ ସଫଳ ହେଲା । ୧୯୯୯ ମସିହା ଆମେରିକୀୟ କଂଗ୍ରେସ ଭାରତ ବିରୁଦ୍ଧ ରେ ଲାଗୁ କରାଯାଇଥିବା କଟକଣା ଗୁଡ଼ିକୁ କେତେକାଂଶରେ ପ୍ରତ୍ୟାହର କରିନେଲା । ପରବର୍ତ୍ତୀ ସମୟରେ କଂଗ୍ରେସ ଆହୁରି ଅନେକ କଟକଣା ଉଠାଇଦେଲା । ନିକଟ ଅତୀତରେ ଭାରତକୁ ଏକ ଦାୟିତ୍ୱପୂର୍ଣ୍ଣ ଆଣବିକ ଶକ୍ତି ସଂପନ୍ନ ରାଷ୍ଟ୍ର ଭାବରେ ସ୍ୱୀକାର କରିବାର ପ୍ରକ୍ରିୟା ଯୁକ୍ତରାଷ୍ଟ୍ରରେ ଆରମ୍ଭ ହୋଇଛି ।

୧୯୯୦ରେ ଉଦାରୀକରଣ ପରିପ୍ରେକ୍ଷୀରେ ଆମେରିକାର ସହାୟତା ଅପେକ୍ଷା ଆମେରିକୀୟ କଂପାନୀ ମାନଙ୍କ ଦ୍ୱାରା ଭାରତରେ ପୁଞ୍ଜି ନିବେଶ ଉପରେ ଅଧିକ ଗୁରୁତ୍ୱ ଦିଆଗଲା । ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ କାରବାର ବୃଦ୍ଧି ଦିଗରେ ସୂଚନା ଓ ପ୍ରଯୁକ୍ତି ଶିଳ୍ପରେ ନିଯୁକ୍ତ ଯୁବ ଭାରତୀୟ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲା । ଏହି ଯୁବ ଭାରତୀୟ ମାନଙ୍କ ମଧ୍ୟରୁ ଯେଉଁମାନେ ଆମେରିକାରେ ବସବାସ କଲେ ସେମାନେ ଆମେରିକାରେ ଭାରତର ପ୍ରତିଛବି ର ଏକ ସକାରତ୍ମକ ରୂପ ଦେବାରେ ସଫଳ ହେଲେ ।

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟର ପରିମାଣ ୨୦୦୩ ମସିହା ବେଳକୁ ୧୮୦୦ କୋଟି ଡଲାରକୁ ଛୁଇଁଥିଲା । ଆମେରିକାକୁ ଭାରତର ରପ୍ତାନୀର ପରିମାଣ ୧୩୦୦ କୋଟି ଡଲାର ହୋଇଥିବାବେଳେ

ଭାରତକୁ ଆମେରିକାର ରପ୍ତାନୀର ପରମାଣ ୫୦୦ କୋଟି ଡଲାର ଥିଲା । ଏହା ନିଶ୍ଚିତ ଭାବରେ ଉତ୍ସାହଜନକ ଥିଲା । କିନ୍ତୁ ଚୀନ ଓ ଆମେରିକାର ମଧ୍ୟରେ ବାଣିଜ୍ୟର ପରିମାଣ ୧୮୦୦୦ କୋଟି ଡଲାର ଥିଲା । ଆମେରିକାକୁ ଚୀନ ର ରପ୍ତାନୀର ପରିମାଣ ୧୫୨୦୦ କୋଟି ଡଲାର ହୋଇଥିବା ବେଳେ ଚୀନକୁ ଆମେରିକାର ରପ୍ତାନୀର ପରିମାଣ ୨୮୦୦ କୋଟି ଡଲାର ଥିଲା । ଏଠାରେ ଜାଣିବା କଥା ଯେ କେବଳ ଚୀନର ସାଂଘାଇ ଠାରେ ଆମେରିକା ଯେତିକି ପୁଞ୍ଜି ନିବେଶ କରିଥିଲା ତାହା ସମଗ୍ର ଭାରତରେ ନିବେଶ କରିଥିବା ପୁଞ୍ଜି ଠାରୁ ଅଧିକଥିଲା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୭.୨

**ସଠିକ୍ ଉତ୍ତରରେ(✓)ଚିହ୍ନ ଦିଅନ୍ତୁ**

୧। କୌଣସି ରାଜନୈତିକ ସର୍ତ୍ତ ନଥାଇ ଆମେରିକା ଭାରତକୁ ଅସ୍ତ୍ର ଯୋଗାଇଥିଲା ।(ଠିକ୍/ଭୁଲ୍)

୨। ୧୯୭୧ ମସିହାର ବଂଗଳାଦେଶ ଯୁଦ୍ଧ ଭାରତ-ଆମେରିକା ସଂପର୍କକୁ ତିକ୍ତ କରିଥିଲା ।(ଠିକ୍/ଭୁଲ୍)

୩। କ୍ଲିଣ୍ଟନ୍ ପ୍ରଶାସନରେ ଭାରତ-ଆମେରିକା ସଂପର୍କରେ ସୁଧାର ଆସିଥିଲା । (ଠିକ୍/ଭୁଲ୍)

୪। ଯୁକ୍ତରାଷ୍ଟ୍ର ଆମେରିକା ଆଣବିକ ଅସ୍ତ୍ର ପ୍ରସାର ର ବିରୋଧୀ ଥିଲା । (ଠିକ୍/ଭୁଲ୍ )

୫। ୧୯୯୮ ମସିହାର ଭାରତୀୟ ଆଣବିକ ପରୀକ୍ଷା ନେଇ ଯୁକ୍ତରାଷ୍ଟ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା । (ଠିକ୍ /ଭୁଲ୍)

## ୨୭.୨ ସୋଭିଏତ୍ ସଂଘ ସହ ସଂପର୍କ

ଭାରତ ଓ ସୋଭିଏତ୍ ସଂଘ ମଧ୍ୟରେ ଅନେକ ସାମଞ୍ଜସ୍ୟ ଥିଲା ଯାହା ଉପରେ କି ଉଭୟ ଦେଶ ମଧ୍ୟରେ ସମ୍ପର୍କ ଆଧାରିତ ହୋଇଥିଲା । ଭାରତ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୁଦ୍ଧରେ ସଂଗ୍ରାମ କରି ସ୍ୱାଧୀନତା ପାଇଥିବା ବେଳେ ସୋଭିଏତ ସଂଘ ସାମ୍ରାଜ୍ୟବାଦ ଆଦର୍ଶର ଘୋର ବିରୋଧୀ ଥିଲା । ସେଥିପାଇଁ ସୋଭିଏତ୍ ସଂଘର ଯୋଜନା ଓ ଉଦ୍ଦେଶ୍ୟ ନେଇ ପାଶ୍ଚାତ୍ୟ ଦେଶମାନେ ଯେଉଁ ସନ୍ଦେହିର କୁହେଳିକା ସୃଷ୍ଟି କରିଥିଲେ ଭାରତ ତାହାକୁ ସହଜରେ ଗ୍ରହଣ କରିନଥିଲା ।

ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟି ର ନେତା ଙ୍କ ୧୯୫୫ ମସିହାରେ ଭାରତ ଗସ୍ତ ପରେ ଉଭୟ ଦେଶ ମଧ୍ୟରେ ସଂପର୍କର ନାଟକୀୟ ଉନ୍ନତି ଘଟିଥିଲା । ନିରାପତ୍ତା ପରିଷଦରେ କାଶ୍ମୀର ପ୍ରସଙ୍ଗରେ ଭାରତର ସ୍ଥିତିକୁ ସୋଭିଏତ୍ ରୁଷ ସମର୍ଥନ କରିଥିଲା ଏବଂ ଏ ସଂକ୍ରାନ୍ତରେ ପାଶ୍ଚାତ୍ୟ ଦେଶମାନଙ୍କ ଦ୍ୱାରା ଆନୀତ ଅଗ୍ରହଣୀୟ ପ୍ରସ୍ତାବ ଗୁଡ଼ିକ ବିରୁଦ୍ଧରେ ଭିଟୋ ପ୍ରୟୋଗ କରିଥିଲା । ବୃହତ୍ ଶିଳ୍ପର ବିକାଶ ଦିଗରେ ଭାରତକୁ ସୋଭିଏତ୍ ସଂଘର ସହାୟତା ଉଲ୍ଲେଖନୀୟ ଅଟେ । ୧୯୫୦ ଦଶକର ଶେଷ ବେଳକୁ ଇସ୍ପାତ, କୋଇଲା, ଯନ୍ତ୍ରପାତି ଉତ୍ପାଦନ ସମ୍ବନ୍ଧିତ ମୌଳିକ ଶିଳ୍ପର ବିକାଶ ନିମନ୍ତେ ଭାରତକୁ ସୋଭିଏତ୍ ସଂଘ ଆର୍ଥିକ ଓ ଔଦ୍ୟୋଗିକ ସହାୟତା ଯଥେଷ୍ଟ ପରିମାଣରେ ଯୋଗାଇଥିଲା । ୧୯୫୫ ମସିହାରେ ଭିଲାଇ ଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା ନିମନ୍ତେ ଭାରତ ଓ ସୋଭିଏତ୍ ସଂଘ ମଧ୍ୟରେ ହୋଇଥିବା ଚୁକ୍ତି ଉଭୟ ଦେଶର ସଂପର୍କ ର ଏକ ଉଲ୍ଲେଖନୀୟ ଘଟଣା ।

ସୋଭିଏତ୍ ସାହାଯ୍ୟ ସମ୍ବନ୍ଧିତ ସର୍ତ୍ତଗୁଡ଼ିକ ଭାରତ ପାଇଁ ଗ୍ରହଣୀୟ ଥିଲା । ଅନ୍ୟ ପାଶ୍ଚାତ୍ୟ ଦେଶ ଗୁଡ଼ିକ ଋଣ ବାବଦରେ ଶତକଡ଼ା ୬ ହାରରେ ସୁଧ ଦାବିକରୁଥିବା ବେଳେ ସୋଭିଏତ୍ ସଂଘ କେବଳ

Notes

ଶତକଡ଼ା ୨.୫ ହାରରେ ସୁଧ ଚାହୁଁଥିଲା । ୧୯୫୩ ମସିହା ଡିସେମ୍ବର ମାସରେ ଉଭୟ ଦେଶ ଏକ ଦୀର୍ଘ ମିଆଦି ବାଣିଜ୍ୟ ଚୁକ୍ତିରେ ଆବଦ୍ଧ ହୋଇଥିଲେ । ଏହି ଚୁକ୍ତିର ଏକ ଆକର୍ଷଣୀୟ ବ୍ୟବସ୍ଥା ହେଲା ଭାରତ ଟଙ୍କା ବିନିମୟରେ ସୋଭିଏତ୍ ରୁଷରୁ ଆମଦାନୀ କରିପାରିବ । ଏଥିପାଇଁ ଡଲାର ଆବଶ୍ୟକତା ପଡ଼ିବନାହିଁ । ପାଶ୍ଚାତ୍ୟ ଦେଶମାନଙ୍କ ଏହି ବାଣିଜ୍ୟ ଡଲାର ଭଳି ଦୁର୍ଲଭ ମୁଦ୍ରା (Hand Currency) ରେ ହେଉଥିଲା । ଏଣୁ ଭାରତରେ ଅନେକ ବ୍ୟାଙ୍କରେ ସୋଭିଏତ ସଂଘର ଖାତା ଖୋଲାଗଲା ।

ଭାରତ-ସୋଭିଏତ୍ ବନ୍ଧୁତାର ମୁଖ୍ୟ ପ୍ରତୀକ ଥିଲା ସମାରିକ ସହାୟତା । ୧୯୬୨ ମସିହାରେ ଭାରତ-ଚୀନ ଯୁଦ୍ଧର ଠିକ୍ ପୂର୍ବରୁ, ଚୀନର ବିରୋଧ ସତ୍ତ୍ୱେ, ଉଭୟ ଦେଶ ମଧ୍ୟରେ ମିଗ (ଯୁଦ୍ଧବିମାନ) ସମ୍ବନ୍ଧୀୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ବିଟ୍ରେନ୍ କୁ ସ୍ଥାନଚ୍ୟୁତ କରି ସୋଭିଏତ୍ ସଂଘ ଭାରତକୁ ଯୁଦ୍ଧ ବିମାନ ଯୋଗଉଥିବା ଦେଶମାନଙ୍କ ମଧ୍ୟରେ ନିଜକୁ ପ୍ରଥମ ସ୍ଥାନରେ ରଖିପାରିଥିଲା ।

୧୯୬୫ ମସିହାର ଯୁଦ୍ଧ ପରେ ସୋଭିଏତ୍ ସଂଘର ସୌଜନ୍ୟରେ ଭାରତ ଓ ପାକିସ୍ଥାନର ନେତୃବୃନ୍ଦଙ୍କ ମଧ୍ୟରେ ତାସ୍କେ[ ଠାରେ ଜାନୁଆରୀ,୧୯୬୬ ମସିହାରେ ଏକ ବୈଠକ ଆହୁତ ହୋଇଥିଲା । ଅଗଷ୍ଟ ୧୯୭୧ ମସିହାରେ ସୋଭିଏତ ଓ ଭାରତୀୟ ନେତୃବୃନ୍ଦ ଙ୍କ ମଧ୍ୟରେ ଐତିହାସିକ ଶାନ୍ତି, ବୃନ୍ଧୁତା ଓ ସହଯୋଗର ଚୁକ୍ତି ସ୍ୱାକ୍ଷରିତ ହେଲା । ଏ ଭଳି ଚୁକ୍ତି ଏହା ପୂର୍ବରୁ ଭାରତ ଅନ୍ୟ କୌଣସି ଦେଶ ସହ କରିନଥିଲା ।

ବାହ୍ୟ ଶତ୍ରୁ ଆକ୍ରମଣ ସମୟରେ ଉଭୟ ଦେଶ ପରସ୍ପରର ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହେଲେ । ବଂଗଳାଦେଶ ପ୍ରସଙ୍ଗରେ ଭାରତର ସ୍ଥିତି ପ୍ରତି ସୋଭିଏତ୍ ସଂଘର ସମର୍ଥନ ଏଥିରୁ ସ୍ପଷ୍ଟ ହୋଇ ଯାଇଥିଲା ।

ପ୍ରତିଦାନ ସ୍ୱରୂପ ଡିସେମ୍ବର ୧୯୭୯ ମସିହାରେ ଆଫଗାନିସ୍ଥାନକୁ ଆକ୍ରମଣ କରିବା ସମୟରେ ଭାରତ ସୋଭିଏତ ସଂଘକୁ ସମର୍ଥନ କରିଥିଲା । ଯଦିଓ ପ୍ରକାଶ୍ୟରେ ଭାରତ ଏଭଳି କୌଣସି ବିବୃତି ଦେଇ ନଥିଲା ଆଫଗାନିସ୍ଥାନ ପ୍ରସଙ୍ଗରେ ପାକିସ୍ଥାନ ଓ ଆମେରିକା ମଧ୍ୟରେ ସାମରିକ ମେଣ୍ଟ ଭାରତ ପାଇଁ ଚିନ୍ତାର କାରଣ ଥିଲା ।

୧୯୮୫ମସିହାରେ ମିଖାଇଲ୍ ଗୋର୍ବାଚୋଭ୍ ଙ୍କ କ୍ଷମତାକୁ ଆସିବା ପରେ ସୋଭିଏତ୍ ବୈଦେଶିକ ନୀତିରେ ବ୍ୟାପକ ପରିବର୍ତ୍ତନ ଆସିଲା । ଯୁକ୍ତରାଷ୍ଟ୍ର ତଥା ପାଶ୍ଚାତ୍ୟ ଦେଶମାନଙ୍କ ସହ ପାରସ୍ପରିକ ଲାଭଜନକ ସଂପର୍କ ରଖିବା ଉପରେ ସୋଭିଏତ୍ ରୁଷ୍ ଗୁରୁତ୍ୱ ଆରୋପ କଲା ଗୋର୍ବାଚୋଭ ଏକ "ସାଧାରଣ ୟୁରୋପୀୟ ଗୃହ'' (Common European Home) ଗଠନର ପରିକଳ୍ପନା କଲେ ଯାହାକି ଭାରତ ଭଳି ବିକାଶଶୀଳ ରାଷ୍ଟ୍ରମାନଙ୍କୁ ବିଶେଷ ଗୁରୁତ୍ୱ ଦେଇନଥିଲା । ତାଛଡ଼ା ସୋଭିଏତ ରୁଷ/ରୁଷିଆ ର ଚୀନ ସହ ସଂପର୍କରେ ଉନ୍ନତି ଭାରତ-ସୋଭିଏତ ସଂପର୍କରେ ଭଟ୍ଟା ସୃଷ୍ଟି କରିଥିଲା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୭.୩

**ଶୂନ୍ୟସ୍ଥାନ ପୂରଣ କର ।**

୧। ଭାରତ ର କେଉଁ ଇସ୍ପାତ କାରଖାନା ସୋଭିଏତ୍ ସଂଘର ଆର୍ଥିକ ସହାୟତା ରେ ନିର୍ମିତ ହୋଇଥିଲା ?________ (ଦୁର୍ଗାପୁର, ଭିଲାଇ, ରାଉରକେଲା)

୨। କେଉଁ ବର୍ଷ ସୋଭିଏତ୍ ନେତୃବୃନ୍ଦ ପ୍ରଥମ ଥର ପାଇଁ ଭରତ ଗସ୍ତରେ ଆସିଥିଲେ ?________ (୧୯୫୫) (୧୯୫୭) (୧୯୭୧)

୩। କେଉଁ ବର୍ଷ ତାସ୍‌କେଣ୍ଟ ଘୋଷଣାନାମା ସ୍ୱାକ୍ଷରିତ ହୋଇଥିଲା ?________

(୧୯୬୬) (୧୯୭୧) (୧୯ ୭୪)

୪। ସୋଭିଏତ୍ ରୁଷ୍ ସହିତ କେଉଁ ବର୍ଷ ଶାନ୍ତି, ମୈତ୍ରୀ ଓ ସହଯୋଗ ର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?________ (୧୯୭୧) (୧୯୭୯)

୫। କାହା ନେତୃତ୍ୱରେ ସୋଭିଏତ୍ ସନ୍ତ୍ରାସବାଦ ନୀତିରେ ବ୍ୟାପକ ପରବର୍ତ୍ତନ ଅଣା ଯାଇଥିଲା ?________ (ମିଖାଇଲି ଗୋର୍ବାଚୋଭ୍ /ପ୍ୟୁଟିନ୍)

## ୨୭.୨.୧ ସୋଭିଏତ୍ ପରବର୍ତ୍ତୀ ଯୁଗ

ଡିସେମ୍ବର ୧୯୯୧ ମସିହାର ସୋଭିଏତ୍ ସଂଘର ବିଭାଜନ ପରେ ମଧ୍ୟ ରୁଷିଆର ନୂତନ ରାଷ୍ଟ୍ରପତି ବୋରିସ୍ ୟେଲସିନ୍ ଙ୍କ ନେତୃତ୍ୱରେ ଯୁକ୍ତରାଷ୍ଟ୍ର ତଥା ପାଶ୍ଚାତ୍ୟ ଦେଶ ମାନଙ୍କ ସହ ସହଯୋଗ ବଜାୟ ରଖିବାକୁ ପ୍ରୟାସ ଜାରି ରହିଲା । ଭାରତ ସହିତ ମଧ୍ୟ ସଂପର୍କର "ପ୍ରୟୋଗିକ ପୁନଃନବୀକରଣ'' (Pragmatic Renewal) ଉପରେ ଗୁରୁତ୍ୱ ଆରୋପ କରାଗଲା । ୧୯୯୩ ମସିହାରେ ୟେଲସିନ୍‌ଙ୍କ ଭାରତ ଗସ୍ତ ସମୟରେ ଭାରତ ଓ ରୁଷିଆ ମଧ୍ୟରେ ମୈତ୍ରୀ ଓ ସହଯୋଗର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ୧୯୭୧ ମସିହାର ଶାନ୍ତି, ମୈତ୍ରୀ ଓ ସହଯୋଗର ଚୁକ୍ତି ବଦଳରେ ଏହି ଚୁକ୍ତି କାର୍ଯ୍ୟକାରୀ ହେବ ବୋଲି ସ୍ଥିର କରାଗଲା । ପୂର୍ବ ଚୁକ୍ତିର ନିରାପତ୍ତା ସମ୍ବନ୍ଧୀୟ ବ୍ୟବସ୍ଥାକୁ ବାଦ ଦିଆଗଲା । ମାତ୍ର ଉଭୟ ଦେଶ ପରସ୍ପର ମଧ୍ୟରେ ବନ୍ଧୁତାପୂର୍ଣ୍ଣ ଓ ଶାନ୍ତିପୂର୍ଣ୍ଣ ସଂପର୍କ ବଜାୟ ରଖିବାକୁ ପ୍ରତିଶ୍ରୁତିବଦ୍ଧ ହେଲେ । ଋଣ ତଥା ଟଙ୍କା -ରୁବଲ୍ ବିନିମୟ ହାର ସମ୍ବନ୍ଧୀୟ ରାଜିନାମା ଦୁଇ ଦେଶ ସଂପର୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଥିଲା । ସାମରିକ କ୍ଷେତ୍ରରେ ସହଯୋଗ ପାଇଁ ମଧ୍ୟ ଚୁକ୍ତି ସ୍ୱାକ୍ଷରିତ ହେଲା ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବିରୋଧ ସତ୍ତ୍ୱେ ୟେଲ୍‌ସିନ ଭାରତକୁ କ୍ରାୟୋଜେନିକ୍ ରକେଟ୍ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଲେ ।

ରୁଷିଆର ରାଷ୍ଟ୍ରପତି ଭାଲ୍‌ଡିମିର୍ ପ୍ୟୁଟିନ୍‌ଙ୍କ ଭାରତଗସ୍ତ ସମୟରେ "ସାମରିକ କୌଶଳ ଭାଗିଦାରୀ'' (Strategic Parternship) ସମ୍ବନ୍ଧୀୟ ଘୋଷଣାନାମା ସ୍ୱାକ୍ଷରିତ ହୋଇଥିଲା ଯାହାକି ଉଭୟ ଦେଶ ମଧ୍ୟରେ ସଂପର୍କକୁ ଦୃଢ଼ୀଭୂତ କରିଥିଲା । ଭାରତୀୟ ପ୍ରଧାନମନ୍ତ୍ରୀ ବାଜପେୟୀ ଙ୍କ ନଭେମ୍ବର ୨୦୦୧ ମସିହାର ଗସ୍ତ ସମୟରେ ଆନ୍ତର୍ଜାତିକ ଆତଙ୍କବାଦ ସମ୍ବନ୍ଧୀୟ ଘୋଷଣାନାମା ସ୍ୱାକ୍ଷରିତ ହୋଇଥିଲା । ଆତଙ୍କବାଦ ସମ୍ବନ୍ଧରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଦୋ ମୁହାଁ ନୀତିକୁ ଏଥିରେ ନିନ୍ଦା କରାଯାଇଥିଲା ।

ଯଦିଓ ରୁଷିଆ ଆଉ ଏକ ବୃହତ୍ ଶକ୍ତି ନୁହେଁ ତଥାପି ଭାରତ ପାଇଁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଅଛି । ଜାତିସଂଘର ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟ ଭାବରେ ଏହାର 'ଭିଟୋ' ପ୍ରୟୋଗ କରିବାର କ୍ଷମତା ରହିଛି । ତା ଛଡା ରୁଷିଆ ହେଉଛି ଗୋଟିଏ ମାତ୍ର ପୃଥିବୀର ମୁଖ୍ୟ ଦେଶ ଯିଏ କି କାଶ୍ମୀର ଓ ସୀମା-ପାର ଆତଙ୍କବାଦ ସଂପର୍କରେ ଭାରତର ସ୍ଥିତିକୁ ନିରବିଚ୍ଛନ୍ନ ଭାବେ ସମର୍ଥନ କରିଆସିଛି । ଏହା ଏସୀୟ ଅଞ୍ଚଳରେ ଧାର୍ମିକ ଉଗ୍ରବାଦ ତଥା ଆତଙ୍କବାଦ ନିମନ୍ତେ ପାକିସ୍ଥାନକୁ ଦାୟୀ କରିଛି । ନଭେମ୍ବର ୨୦୦୩ରେ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ତିନିଦିନିଆ ମସ୍କୋ ଯାତ୍ରା ଶେଷରେ ପ୍ରକାଶିତ ବିବୃତିରେ କାଶ୍ମୀର ପ୍ରସଙ୍ଗରେ ଭାରତକୁ ରୁଷିଆ ସମର୍ଥନ ଜଣାଇଥିଲା । ନିୟନ୍ତ୍ରଣ ରେଖା ତଥା ଅନ୍ୟବାଟ ଦେଇ ଜମ୍ମୁ ଓ କାଶ୍ମୀର କୁ ଆତଙ୍କବାଦୀ ମାନଙ୍କ ଅନୁପ୍ରବେଶ କୁ ରୋକିବା ପାଇଁ ପାକିସ୍ଥାନ କୁ ରୁଷିଆ ଆହ୍ୱାନ ଦେଇଥିଲା । ତା ଛଡା ଭାରତ ଓ ପାକିସ୍ଥା ମଧ୍ୟରେ ଗଠନମୂଳକ ଆଲୋଚନା ନିମନ୍ତେ ପାକିସ୍ଥାନ ତଥା ପାକିସ୍ଥାନ ଅଧିକୃତ ଅଞ୍ଚଳ ମାନଙ୍କରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନ ର ଧ୍ୱଂସ ଆବଶ୍ୟକ ବୋଲି ରୁଷିଆ ମତ ଦେଇଥିଲା । ନିରାପତ୍ତା ପରିଷଦରେ ଭାରତର ସ୍ଥାୟୀ ସଭ୍ୟପଦ ପାଇଁ ଦାବିକୁ ରୁଷିଆ ସର୍ବଦା ସମର୍ଥନ କରିଆସିଛି ।

କମ ମୂଲ୍ୟରେ ଉନ୍ନତ ମାନର ସାମରିକ ଉପକରଣ ଭାରତକୁ ଯୋଗାଇବାରେ ରୁଷିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ତଥା ଔଦ୍ୟୋଗିକ ବିଦ୍ୟା ରୁଷିଆ ଭାରତକୁ ଯୋଗାଉଛି । ଭାରତର ପ୍ରତିରକ୍ଷା ସମ୍ବନ୍ଧୀୟ ଆବଶ୍ୟକତାର ଶତକଡା ୭୦ ଭାଗ ରୁଷିଆ ପୂରଣ କରୁଛି । ରୁଷିଆରୁ ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ରପ୍ତାନୀ ହେଉଥିବା ଉପକରଣ ମଧ୍ୟରେ ରହିଛି ଯୁଦ୍ଧ ବିମାନ (MiG-21), ଯୁଦ୍ଧ ଟ୍ୟାଙ୍କ୍ (T-72MI),ହେଲିକପ୍ଟର, ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର, ନୌଭେଳା ବିଧ୍ୱଂସୀ କ୍ଷେପଣାସ୍ତ୍ର, ଆଣବିକ ବୁଡ଼ା ଜାହାଜ (Akula-2) ଏବଂ ବିମାନ ବାହୀ ଯାନ (ଗୋର୍ସଖୋଭ୍) ଆଦି । ଜାନୁଆରୀ ୨୦୦୪ରେ ହୋଇଥିବା ଏକ ଉଲ୍ଲେଖନୀୟ ବୁଝାମଣା ଅନୁଯାୟୀ ଭାରତ ରୁଷଆଠାରୁ 12 MIG-29 ଯୁଦ୍ଧ ବିମାନ ସହିତ ପୁର୍ନଗଠିତ "ଆଡ଼ମିରାଲ୍ ଗୋର୍ସଖୋଭ" କିଣିବା ପାଇଁ ରାଜି ହୋଇଛି । ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ କେବଳ ଅସ୍ତ୍ରଶସ୍ତ୍ର ଆମଦାନୀକୁ ସୀମିତ ରହିନାହିଁ । ବରଂ ଅସ୍ତ୍ରଶସ୍ତ୍ର ଉତ୍ପାଦନ କ୍ଷେତ୍ରରେ ମଧ୍ୟ ରୁଷିଆ ସହଯୋଗର ହାତ ବଢ଼ାଇଛି । (ଯଥା Mig, -27M, Sukhoi- 30Mk, T- 72 tanks ଆଦି) ଗବେଷଣା, ବିକାଶ ତଥା ସେବା କ୍ଷେତ୍ରରେ ମଧ୍ୟ ଉଭୟ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇଛି । ଉଭୟ ଦେଶ ମିଳିତ ଉଦ୍ୟମରେ ପୋତ ବିଧ୍ୱଂସୀ ସୁପରସୋନିକ କ୍ଷେପଣାସ୍ତ୍ର (Supersonic Anti-ship Cruise Missile Systems) "ବ୍ରହ୍ମସ" (Brahmos) (ଯାହାକି ଶବ୍ଦର ଗତି ଠାରୁ ଅଧିକ ଗତିରେ ଯାଇପାରିବ) ର ଉତ୍ପାଦନ ତଥା ବିକ୍ରି ନିମନ୍ତେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି ।

ଭାରତ ଓ ରୁଷିଆ ମଧ୍ୟରେ ଘନିଷ୍ଠ ଐତିହାସିକ ସଂପର୍କ ରହିଛି । ସାଂପ୍ରତିକ ଆନ୍ତର୍ଜାତିକ ଦୃଶ୍ୟପଟ୍ଟରେ ବିଭିନ୍ନ ବିଶ୍ୱ ପ୍ରସଙ୍ଗ ଉପରେ ଉଭୟଙ୍କ ଦୃଷ୍ଟିକୋଣରେ ସାମଞ୍ଜସ୍ୟ ରହିଛି । ନିରପତ୍ତା ତଥା ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ଉଭୟ ଦେଶ ପରସ୍ପର ଉପରେ ନିର୍ଭରଶୀଳ । ମାତ୍ର ଭାରତ ଓ ରୁଷିଆ ମଧ୍ୟରେ ବାଣିଜ୍ୟ ସଂପର୍କ ଏ ଯାବତ୍ ଦୁର୍ବଳ ରହିଛି । ଅବଶ୍ୟ ଶକ୍ତି ଓ ନିରାପତ୍ତା କ୍ଷେତ୍ରରେ ଥିବା ସହଯୋଗ ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ବନ୍ଧର ଭବିଷ୍ୟତକୁ ଉଜ୍ଜ୍ୱଳ କରିଛି ।

ଆହୁରି ଅନେକ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସହଯୋଗର ମାର୍ଗ ଉନ୍ମୋଚିତ ହୋଇଛି । ଶକ୍ତି କ୍ଷେତ୍ରରେ ସହଯୋଗ ତନ୍ମଧ୍ୟରୁ ଅନ୍ୟତମ । ଶକ୍ତି ଉପଭୋକ୍ତା ହିସାବରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର । ଭାରତ ନିଜର ଭବିଷ୍ୟତର ଶକ୍ତି କ୍ଷେତ୍ରରେ ଆବଶ୍ୟକତା ମେଣ୍ଟାଇବା ପାଇଁ ରୁଷିଆ ର ତୈଳ ଓ ଗ୍ୟାସ ର ପ୍ରାଚୁର୍ଯ୍ୟ ତଥା ତାପଜ, ଜଳଜ ଓ ଆଣିବିକ ଶକ୍ତି କ୍ଷେତ୍ରରେ ଥିବା ଦକ୍ଷତା ଉପରେ ନିର୍ଭର କରେ । ସୋଭିଏତ୍/ରୁଷିଆର ସହଯୋଗରେ ଭାରତର ଅନେକ ତାପଜ ଓ ଜଳଜ ଶକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ଆଣବିକ ଶକ୍ତି କ୍ଷେତ୍ରରେ ଥିବା ଭାରତର ଲକ୍ଷ୍ୟ କୁ କେବଳ ରୁଷିଆ ପୂରଣ କରିପାରିବ କାରଣ ରୁଷିଆ ଏଭଳି ଏକ ପ୍ରମୁଖ ଦେଶ ଯିଏ କି ଆଣବିକ ଶକ୍ତି କ୍ଷେତ୍ରରେ ଭାରତକୁ ସହଯୋଗ କରିବା ପାଇଁ ସର୍ବଦା ପ୍ରସ୍ତୁତ ।

## ତୁମେ କ'ଣ ଶିଖିଲ

ଭାରତ ଓ ଅମେରିକା ଦୁଇଟି ବୃହତ୍ ଗଣତନ୍ତ୍ର । ମାତ୍ର ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ସଂପର୍କ ସେତେଟା ମଧୁର ରହିନାହିଁ । ଶୀତଳ ଯୁଦ୍ଧ ସମୟରେ ସାମ୍ୟବାଦ କୁ ପ୍ରତିହତ କରିବା ଆମେରିକାର ମୁଖ୍ୟ ଲକ୍ଷ୍ୟ ଥିଲା । ମାତ୍ର ଭାରତ ଶୀତଳ ଯୁଦ୍ଧ ରାଜନୀତିରେ ସାମିଲ ହେବା ପାଇଁ ରାଜି ନ ଥିଲା ଏବଂ ଗୋଷ୍ଠୀ ନିରପେକ୍ଷ ନୀତି ଅବଲମ୍ବନ କରିଥିଲା ଯାହାକି ଆମେରିକା ପସନ୍ଦ କରିନଥିଲା । ଯଦିଓ ଆମେରିକା ଭାରତକୁ ଅର୍ଥନୈତିକ ସହାୟତା ଯୋଗାଇଥିଲା ଏବଂ PL 480 ଅନୁଯାୟୀ ଖାଦ୍ୟ ସାମଗ୍ରୀ ଯୋଗାଇଥିଲା । ୧୯୫୦ ଦଶକର ମଧ୍ୟ ଭାଗରେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇଥିବା ଦ୍ୱାରା ଭାରତ-ଆମେରିକା ସଂପର୍କ ତିକ୍ତ ହୋଇଯାଇଥିଲା । ୧୯୬୨ ମସିହାର ଚୀନ ଆକ୍ରମଣ ସମୟରେ ଆମେରିକା ଭାରତକୁ ସମର୍ଥନ କରିବାଦ୍ୱାରା

ଉଭୟ ଦେଶ ମଧ୍ୟରେ ସଂପର୍କର ସୁଧାର ଆସିଥିଲା । ମାତ୍ର ଏହା କ୍ଷଣସ୍ଥାୟୀ ଥିଲା । ଖାଦ୍ୟ ଯୋଗାଣ କ୍ଷେତ୍ରରେ ଥିବା ସର୍ତ୍ତ ଉଭୟ ଦେଶ ର ସଂପର୍କକୁ ତିକ୍ତ କରିଥିଲା । ବଂଗଳାଦେଶ ଯୁଦ୍ଧ ସମୟରେ ପାକିସ୍ଥାନକୁ ସମର୍ଥନ ତଥା ବଙ୍ଗୋପସାଗର କୁ ସପ୍ତମ ନୌଭେଳା ଛାଡିବା ଦ୍ୱାରା ଉଭୟ ଦେଶ ମଧ୍ୟରେ ସଂପର୍କ ଅତି ତଳକୁ ଖସିଯାଇଥିଲା । ଶୀତଳ ଯୁଦ୍ଧ ପରବର୍ତ୍ତୀ ସମୟରେ ସଂପର୍କରେ ଉନ୍ନତି ଅସିଲା । ୧୯୯୯ ମସିହାରେ କାରଗୀଲ ଯୁଦ୍ଧ ସମୟରେ ନିୟନ୍ତ୍ରଣ ରେଖାର ଭାରତ ପଟରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଆମେରିକା ପାକିସ୍ଥାନ ଉପରେ ଚାପ ପ୍ରୟୋଗ କରିଥିଲା । ପୁଣି ଭାରତକୁ ଏକ ଦାୟିତ୍ୱପୂର୍ଣ୍ଣ ଆଣବିକ ଶକ୍ତି ସଂପନ୍ନ ରାଷ୍ଟ୍ର ହିସାବରେ ସ୍ୱୀକୃତି ଦେବା ଦ୍ୱାରା ଉଭୟ ଦେଶ ମଧ୍ୟରେ ସଂପର୍କରେ ଉନ୍ନତି ଆସିଥିଲା ।

ଭାରତ ଓ ସୋଭିଏତ୍ ସଂଘ ମଧ୍ୟରେ ସଂପର୍କ ଆରମ୍ଭ ରୁ ଭଲ ରହି ଆସିଛି କାରଣ ଉଭୟ ଦେଶ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । କାଶ୍ମୀର ପ୍ରସଙ୍ଗରେ ସୋଭିଏତ୍ ସଂଘର ଭାରତକୁ ସମର୍ଥନ ଏହି ସଂପର୍କକୁ ଆହୁରି ମଜବୁତ୍ କରିଛି । ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ସୋଭିଏତ୍ ସଂଘ ସାହାଯ୍ୟ କରିଛି । ଭିଲାଇ ଇସ୍ପାତ କାରଖାନା ସୋଭିଏତ ସହାୟତାରେ ପ୍ରତିଷ୍ଠିତ ହୋଇପାରିଛି । ଅସ୍ତ୍ରଶସ୍ତ୍ର ତଥା ମିଗ୍ ଭଳି ଯୁଦ୍ଧ ବିମାନ ମଧ୍ୟ ସୋଭିଏତ୍ ରୁଷ ଯୋଗାଇଛି । ୧୯୭୧ ମସିହାର ବଂଗଳାଦେଶ ସଂକଟ ସମୟରେ ଭାରତ-ସୋଭିଏତ୍ ରୁଷିଆ ମଧ୍ୟରେ ମୈତ୍ରୀ ଚୁକ୍ତି ସ୍ୱାକ୍ଷରିତ ହେବା ଦ୍ୱାରା ସଂପର୍କ ଶୀର୍ଷରେ ପହଂପାରିଥିଲା, ଯଦିଓ ଶୀତଳ ଯୁଦ୍ଧର ପରିସମାପ୍ତି ପରେ ପରେ ଉଭୟ ଦେଶ ମଧ୍ୟରେ ଥିବା ସଂପର୍କରେ ଭଟ୍ଟା ପଡ଼ିଥିଲା । ବର୍ତ୍ତମାନ ଏହା ପୁଣି ଉର୍ଦ୍ଧ୍ୱମୁଖୀ ଅଟେ ।

## ପାଠ୍ୟାନ୍ତ ଅଭ୍ୟାସ

୧। ଶୀତଳ ଯୁଦ୍ଧ ସମୟରେ ଭାରତ- ଆମେରିକା ରାଜାନୈତିକ ସଂପର୍କ ଉପରେ ଏକ ଟିପ୍ପଣୀ ପ୍ରଦାନ କର ।

୨। ଆଣବିକ ପ୍ରସଙ୍ଗରେ ଭାରତ-ଆମେରିକା ସଂପର୍କ ବର୍ଣ୍ଣନା କର ।

୩। ଆତଙ୍କବାଦ ସମ୍ବନ୍ଧରେ ଭାରତ-ଆମେରିକା ସଂପର୍କ କୁ ବିଶ୍ଳେଷଣ କର ।

୪। ଭାରତ-ଆମେରିକା ଅର୍ଥନୈତିକ ସଂପର୍କ ଉପରେ ଏକ ଟିପ୍ପଣୀ ପ୍ରଦାନ କର ।

୫। ଶୀତଳ ଯୁଦ୍ଧ ସମୟରେ ଭାରତ- ସୋଭିଏତ ରୁଷ ସଂପର୍କର ଉଲ୍ଲେଖୀୟ ଘଟଣାମାନ ବର୍ଣ୍ଣନାକର ।

୬। ଶୀତଳ-ଯୁଦ୍ଧ ପରବର୍ତ୍ତୀ ସମୟରେ ଭାରତ-ରୁଷିଆ ସଂପର୍କକୁ ବିଶ୍ଳେଷଣ କର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

୨୭.୧

୧। ୧୯୪୧

୨। SEATO ଓ CENTO

୩। ଜିମ୍ମି କାର୍ଟର

୪। ସାଧାରଣ ଆଇନ ୪୮୦ (Public Law 480)

୫। ୧୯୬୨

**୨୭.୨**

୧। ଠିକ୍

୨। ଠିକ୍

୩। ଠିକ୍

୪। ଠିକ୍

୫। ଠିକ୍

**୨୭.୩**

୧। ଭିଲାଇ

୨। ୧୯୫୫ (1955)

୩। ୧୯୬୬ (1966)

୪। ୧୯୭୧ (1971)

୫। ମିଖାଇଲ୍ ଗୋର୍ବାଚୋଭ

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ଭାଗ ୨୭.୧.୧. ଦେଖ

୨। ଭାଗ ୨୭.୧.୩. ଦେଖ

୩। ଭାଗ ୨୭.୧. ୩ ଦେଖ

୪। ଭାଗ ୨୭ ୧.୨ ଦେଖ

୫। ଭାଗ ୨୭.୨ ଦେଖ

୬। ଭାଗ ୨୭.୨.୧ ଦେଖ ।